SAMBAD
ସମ୍ବାଦ

ଫୋକସ୍ ଟୁ କଳିଙ୍ଗନଗର

■ ନୀଳାଚଳ ଇସ୍ପାତ ଅଣ୍ଟା ସଳଖିବ

# ୮୦ କୋଟି ଟଙ୍କା ବ୍ୟୟରେ ବ୍ଲାଷ୍ଟ ଫର୍ଣ୍ଣେସ୍ ମରାମତି

କଳିଙ୍ଗନଗର, ୭/୧୧ (ଇମିସ) : କଳିଙ୍ଗନଗରର ଏକ ମାତ୍ର ରାଷ୍ଟ୍ରାୟତ ଉଦ୍ୟୋଗ ନୀଳାଚଳ ଇସ୍ପାତ ନିଗମ କାରଖାନା ଏବେ ଲାଭଜନକ ସଂସ୍ଥା ଭାବେ ଉଭା ହେବ। କାରଖାନାରେ ନବ ନିଯୁକ୍ତ ପରିଚାଳନା ନିର୍ଦ୍ଦେଶକ ଶିଶି ଶେଖର ମହାନ୍ତି ଓ ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ଶିଶିକାନ୍ତ ଜଗଦାଲଙ୍କ ନେତୃତ୍ୱରେ ଆରମ୍ଭ ହୋଇଛି ବ୍ୟାପକ ପ୍ରସ୍ତୁତି। କମ୍ ଖର୍ଚ୍ଚ ଓ ଅଧିକ ଉତ୍ପାଦନ ସାଙ୍ଗକୁ ସୁରକ୍ଷା ଉପରେ ନୀଳାଚଳ କର୍ତ୍ତୃପକ୍ଷ ଗୁରୁତ୍ୱ ଦେବା ଆରମ୍ଭ କରିଛନ୍ତି। ଇସ୍ପାତ କାରଖାନାର ହୃତପିଣ୍ଡ ବ୍ଲାଷ୍ଟ ଫର୍ଣ୍ଣେସ। ବାର୍ଷିକ ୧.୧ ମିଲିୟନ ଟନ କ୍ଷମତା ବିଶିଷ୍ଟ ନୀଳାଚଳ ଇସ୍ପାତର ବ୍ଲାଷ୍ଟ ଫର୍ଣ୍ଣେସ ୨୦୦୨ ମସିହାରେ ସ୍ଥାପନ କରା ଯାଇଥିଲା। ଏହି ପୂରୁଣା ବ୍ଲାଷ୍ଟ ଫର୍ଣ୍ଣେସ ଇଟାଲୀରୁ କଳିଙ୍ଗ ନଗରକୁ ଆସିଥିଲା । ସାଧାରଣତଃ ୧୦/୧୨ ବର୍ଷ ମଧ୍ୟରେ ଏହି ବ୍ଲାଷ୍ଟ ଫର୍ଣ୍ଣେସର ମରାମତି ଆବଶ୍ୟକ କରିଥାଏ। ନୀଳାଚଳ ଇସ୍ପାତ



## ବୈଷୟିକ ଜ୍ଞାନ ନେଇ ଫେରିଲା କୋର୍ କମିଟି

କାରଖାନାର ବୈଷୟିକ ପରାମର୍ଶଦାତା ମେକନ୍ ୯ ମାସ ତଳୁ ଏହାର ମରାମତି ପାଇଁ ପରାମର୍ଶ ଦେଇଥିଲେ। ସେହିପରି ଫାକ୍ଟି ଆଣ୍ଡ ବଏଲରର୍ସ ପକ୍ଷରୁ କାରଖାନା କର୍ତ୍ତୃପକ୍ଷଙ୍କୁ ବ୍ଲାଷ୍ଟ ଫର୍ଣ୍ଣେସ ସଂପର୍କରେ ତଥ୍ୟ ମଗା ଯାଇଥିଲା। ଗତ ମାସ ୧୬ ତାରିଖରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଉଚ୍ଚ ସ୍ତରୀୟ ବୈଠକରେ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ ସଂପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଡିଜିଏମ୍ ପି. ମୁକେଶକୁମାରଙ୍କ ନେତୃତ୍ୱରେ ଏକ କୋର ଟିମ୍ ସେଲ ଅଧିନସ୍ଥ ବୋକାରୋ ଇସ୍ପାତ କାରଖାନା ଯାଇ ସେଠାରେ କାର୍ଯ୍ୟକ୍ଷମ ବ୍ଲାଷ୍ଟ ଫର୍ଣ୍ଣେସକୁ ପରିଦର୍ଶନ କରିଥିଲେ। ଇତି ମଧ୍ୟରେ କୋର କମିଟି ବୋକାରୋରୁ ଫେରି ଆସିଛନ୍ତି। ବୋକାରୋରେ ବ୍ଲାଷ୍ଟ ଫର୍ଣ୍ଣେସ ବ୍ୟାପକ ମରାମତି କାମ ଚାଲୁ ଅଛି। ଏଥିପାଇଁ ୮୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବିନିଯୋଗ କରାଯିବ ବୋଲି ନୀଳାଚଳର ଜୈନେକ ଅଧିକାରୀ କହିଛନ୍ତି। ଏବେ ଏହି ବ୍ଲାଷ୍ଟ ଫର୍ଣ୍ଣେସ୍ ଦୈନିକ ୧୫ଶହରୁ ୧୬ ଶହ ଟନ୍ ହଟ୍ ମେଟାଲ ଉତ୍ପାଦନ କରୁଛି। ଏହି ହଟ୍ ମେଟାଲରୁ ନୀଳାଚଳ ପିଗ୍ ଆଇରନ୍ ପ୍ରସ୍ତୁତ କରିଥାଏ। ବ୍ଲାଷ୍ଟ ଫର୍ଣ୍ଣେସ୍ ର ବ୍ୟାପକ ମରାମତି ସଂପୂର୍ଣ୍ଣ ହେଲେ ଏହାର କ୍ଷମତା ୩ ହଜାର ଟନ୍ ଅତିକ୍ରମ କରିବ ବୋଲି ଆଶା କରାଯାଉଛି। ୧୫ ଶହ କୋଟି ଟଙ୍କା ବ୍ୟୟରେ ମୁଣ୍ଡ ଟେକି ଥିବା ନୀଳାଚଳ ଇସ୍ପାତ ଆଗାମୀ ଦିନରେ ଏକ ଲାଭଜନକ ଉଦ୍ୟୋଗ ଭାବେ ପରିଗଣିତ ହୋଇ ପାରିବବୋଲି କାରଖାନା କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।